# ୭

# କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ୍, ୨୦୧୩

# କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ୍, ୨୦୧୩

## ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

**୧. କେଉଁ ସମୟରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ୍, ୨୦୧୩ ସ୍ୱୀକୃତି ପାଇଥିଲା ?**

ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ଭାରତ ସରକାର ଏହି ଆଇନ୍‌କୁ ତା ୨୨.୦୪.୨୦୧୩ ରିଖରେ ସ୍ୱୀକୃତି ପ୍ରଦାନ କରିଥିଲେ । ଏହାର ନିୟମାବଳୀ ତା. ୦୯.୧୨.୨୦୧୩ରିଖରେ ଅନୁମୋଦନ ପାଇଥିଲା ।

**୨. ଏହି ଆଇନ୍‌ର ଆଭିମୁଖ୍ୟ କଣ ?**

ଏହି ଆଇନ୍

- କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବା
- କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନର ପ୍ରତିରୋଧ ବା ନିବାରଣ କରିବା
- ଯୌନ ନିର୍ଯ୍ୟାତନାର ଅଭିଯୋଗଗୁଡ଼ିକ ନିରାକରଣ କରିବା

**୩. ଯୌନ ନିର୍ଯ୍ୟାତନା କାହାକୁ କୁହାଯାଏ ?**

ଏହି ଆଇନର ଧାରା (୨ ଡ)ରେ ବର୍ଣ୍ଣନା କରାଯାଇଛି

- ଶରୀରକୁ ଇଛା ବିରୁଦ୍ଧରେ ସ୍ପର୍ଶ କରିବା ପାଇଁ ଉଦ୍ୟମ କରିବା
- ଯୌନାଗତ ସଂପର୍କ ସ୍ଥାପନ ପାଇଁ ଅନୁରୋଧ କରିବା
- ଯୌନ ସଂପର୍କ ଟିପ୍ପଣୀ ବା ଅଶାଳୀନ ମନ୍ତବ୍ୟ ଦେବା
- ଅଶ୍ଳୀଳ ଫଟୋ ଦେଖାଇବା
- ଯୌକୌଣସି ଶାରୀରିକ, ମୌଖିକ ଏବଂ ସାଙ୍କେତିକ ଆଚରଣ ଯେଉଁଥିରେ ଯୌନାଗତ ଅଭ୍ୟସ୍ତ ଥିବା ଏବଂ ଅପରପକ୍ଷ ଅପଦସ୍ତ ହେବାର ସମ୍ଭାବନା ଥିବା
- ଧାରା ୩(୨) ବାଖ୍ୟା କରିଛି ଯଦି ନିମ୍ନଲିଖିତ ପରିସ୍ଥିତି ଉପୁଜେ କିମ୍ବା ଯୌନ ନିର୍ଯ୍ୟାତନା ଉପଲକ୍ଷେ ବ୍ୟବହାର କିମ୍ବା ସଂପର୍କ ସ୍ଥାପନ କରେ ଏହା ଯୌନ ନିର୍ଯ୍ୟାତନାରେ ପରିଗଣିତ ହେବ ଯଥା
- କର୍ମକ୍ଷେତ୍ରରେ ଅଧିକ ଯତ୍ନବାନ୍ ରହିବା ପାଇଁ ପ୍ରତିଜ୍ଞା
- କର୍ମକ୍ଷେତ୍ରରେ ଭୟ ବା ଧମକ ପୂର୍ଣ୍ଣ ବ୍ୟବହାର
- କର୍ମକ୍ଷେତ୍ରରେ ବର୍ତ୍ତମାନ କିମ୍ବା ଭବିଷ୍ୟତ ଚାକିରି ଉପରେ ଧମକ,

- କର୍ମକ୍ଷେତ୍ରରେ କାମକୁ ନେଇ ଭବିଷ୍ୟତ ଚାକିରୀ କରିବା କିମ୍ବା ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରି.
- ଅଶାଳୀନ ବ୍ୟବହାର ଦ୍ୱାରା ଶାରୀରିକ ଅସୁସ୍ଥତା କିମ୍ବା ନିରାପତ୍ତା ଉପରେ ଆଞ୍ଚ ପହୁଞ୍ଚାଇବ,

## ୪. ଆଇନ୍ ଅନୁଯାୟୀ ପୀଡ଼ିତା ମହିଳା କିଏ ?

ଏହି ଆଇନ୍‌ର ଧାରା (୨କ) ଅନୁସାରେ ବ୍ୟଥିତ ବା ପୀଡ଼ିତା ମହିଳା କହିଲେ

- ଏକ କାର୍ଯ୍ୟସ୍ଥଳୀ ସହିତ ସଂପର୍କିତ ଜଣେ ମହିଳା ସେ ଯେକୌଣସି ବୟସର ହୋଇଥାନ୍ତୁ ନା କାହିଁକି ଏବଂ ସେ ନିଯୁକ୍ତି ପାଇଥାନ୍ତୁ ବା ନ ପାଇଥାନ୍ତୁ, ଯଦି ସେ ପ୍ରତିବାଦୀଙ୍କ ଦ୍ୱାରା ଯୌନ ଉତ୍ପୀଡନର ଶିକାର ହୋଇଛନ୍ତି ବୋଲି ଅଭିଯୋଗ ଆଣିଥାନ୍ତି ।
- ଏକ ବାସସ୍ଥାନ ବା ଗୃହ ସଂପର୍କିତ ଜଣେ ମହିଳା ଯେ କୌଣସି ବୟସର ହୋଇଥାନ୍ତୁ ନା କାହିଁକି ଯଦି ସେ ସଂପୃକ୍ତ ବାସସ୍ଥାନ ବା ଗୃହରେ ନିଯୁକ୍ତ ହୋଇଥାନ୍ତି ।

## ୫. ପ୍ରତିପକ୍ଷର ଅର୍ଥ କଣ ?

ପ୍ରତିପକ୍ଷର ଅର୍ଥ ସେହି ବ୍ୟକ୍ତି ଯାହାଙ୍କ ବିରୁଦ୍ଧରେ ଆଇନର ଧାରା (୨ମ) ଅଧୀନରେ ପୀଡ଼ିତା ମହିଳା ଅଭିଯୋଗ କରିଛନ୍ତି ।

## ୬. ଆଇନ୍ ଅନୁସାରେ କାର୍ଯ୍ୟସ୍ଥଳୀର ଅର୍ଥ କଣ ?

ଧାରା (୨ଡ) ଅନୁଯାୟୀ ନିମ୍ନଲିଖିତ ପରିବେଶଗୁଡ଼ିକ କାର୍ଯ୍ୟସ୍ଥଳୀର ପରିସରଭୁକ୍ତ ଯଥା;

- ଯେ କୌଣସି ବିଭାଗ, ସଂଗଠନ, ଉଦ୍ୟୋଗ, କମ୍ପାନୀ, ଅନୁଷ୍ଠାନ, ଅଫିସ୍, ଶାଖା ବା ୟୁନିଟ୍ ଯାହାକି ସମୁଚିତ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ, ସରକାରୀ କମ୍ପାନୀ ବା କର୍ପୋରେସନ ବା ସମବାୟ ସଂସ୍ଥା ଦ୍ୱାରା ସ୍ଥାପିତ, ମାଲିକାନାଧୀନ, ନିୟନ୍ତ୍ରିତ ହେଉଥିବେ ଅଥବା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସଂପୂର୍ଣ୍ଣ ବା ଆଂଶିକ ଭାବେ ପ୍ରଭୂତ ଆର୍ଥିକ ସହାୟତା ଲାଭ କରିଥିବେ ।
- ଯେ କୌଣସି ଘରୋଇ କ୍ଷେତ୍ରର ସଂଗଠନ ବା ଘରୋଇ ଉଦ୍ୟମ, ଉଦ୍ୟୋଗ, ବ୍ୟବସାୟିକ ଉଦ୍ୟୋଗ, ଅନୁଷ୍ଠାନ, ପ୍ରତିଷ୍ଠାନ, ସୋସାଇଟି, ଟ୍ରଷ୍ଟ ବେସରକାରୀ ସଂଗଠନ, ୟୁନିଟ୍ ବା ବାଣିଜ୍ୟିକ, ବୃତ୍ତିଗତ, ଧନ୍ଦାମୂଳକ, ଶିକ୍ଷାଗତ, ମନୋରଞ୍ଜନ ସଂପର୍କିତ, ଶିଳ୍ପଗତ ବା ସ୍ୱାସ୍ଥ୍ୟଗତ ସେବା ଯୋଗାଣ ଅଥବା ଉତ୍ପାଦନ, ଯୋଗାଣ, ବିକ୍ରୟ, ବଣ୍ଟନ ବା ସେବାପ୍ରଦାନ ସମେତ ବିତ୍ତୀୟ କାର୍ଯ୍ୟକଳାପ କ୍ଷେତ୍ରରେ କ୍ରିୟାଶୀଳ ଥିବା ସେବା ଯୋଗାଣକାରୀ ସଂସ୍ଥା ।
- ଡାକ୍ତରଖାନା ଓ ନର୍ସିଂହୋମ୍
- ଆବାସିକ ହେଉ ବା ହେଉ କୌଣସି କ୍ରୀଡ଼ା ପ୍ରତିଷ୍ଠାନ, ଷ୍ଟାଡିୟମ, କ୍ରୀଡ଼ା କମ୍ପ୍ଲେକ୍ସ ବା ପ୍ରତିଯୋଗିତା ବା କ୍ରୀଡ଼ାସ୍ଥଳ ଯଦି ତାଲିମ୍, କ୍ରୀଡ଼ା ବା ଅନ୍ୟାନ୍ୟ କୌଣସି ଆନୁଷଙ୍ଗିକ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥାଏ ।
- ସଂପୃକ୍ତ କର୍ମୀ କାର୍ଯ୍ୟ ସଂପାଦନର ଆବଶ୍ୟକତା କାରଣରୁ ଅଥବା ସେହି ପ୍ରକ୍ରିୟାରେ ସେ ଯେଉଁ ସ୍ଥାନକୁ ଗସ୍ତ କରିଥିବେ ଏବଂ ତାହାର ପରିସରଭୁକ୍ତ ଗସ୍ତ ଉଦ୍ଦେଶ୍ୟରେ ନିଯୁକ୍ତିଦାତା ଯୋଗାଇ ଦେଇଥିବା ପରିବହନ ।
- ଏକ ବାସସ୍ଥଳୀ ବା ଏକ ଗୃହ

## ୭. କର୍ମଚାରୀ କିଏ ବା କର୍ମଚାରୀର ଅର୍ଥ ?

ଆଇନର ଧାରା (୨(ଛ)) ଅନୁସାରେ କର୍ମଚାରୀର ଅର୍ଥ ଜଣେ ବ୍ୟକ୍ତି ଯେ କି ନିଯୁକ୍ତିର ସର୍ତ୍ତାବଳୀ ବ୍ୟକ୍ତ କିମ୍ବା ଅବ୍ୟକ୍ତ ହୋଇଥାଉ, ଏକ କାର୍ଯ୍ୟସ୍ଥଳୀରେ ସିଧାସଳଖ ବା ଠିକାଦାର ସମେତ କୌଣସି ସଂସ୍ଥା ମାଧ୍ୟମରେ, ମୁଖ୍ୟ

ନିଯୁକ୍ତିଦାତାଙ୍କ ଜ୍ଞାତ ବା ଅଜ୍ଞାତରେ, ନିୟମିତ, ଅସ୍ଥାୟୀ କାମଚଳା ବା ଦୈନିକ ମଜୁରୀ ଭିତ୍ତିରେ, ପାରିଶ୍ରମିକ ଭିତ୍ତିରେ କିମ୍ବା ବିନା ପାରିଶ୍ରମିକରେ, ସ୍ୱଇଚ୍ଛାରେ ବା ଅନ୍ୟ ପ୍ରକାରେ ନିଯୁକ୍ତ ହୋଇଥିବେ ଏବଂ ଏହି ଶବ୍ଦର ପରିସରରେ ଅନ୍ତର୍ଭୁକ୍ତ ହେବ ଜଣେ ସହଶ୍ରମିକ, ଠିକା ଶ୍ରମିକ, ପ୍ରଶିକ୍ଷାର୍ଥୀ, ତାଲିମାର୍ଥୀ ବା ଶିକ୍ଷାନିବେଶ ବା ଅନ୍ୟ କୌଣସି ବ୍ୟକ୍ତି ଯେ କି ଅନ୍ୟ ଯେ କୌଣସି ନାମରେ ପରିଚିତ ହୋଇପାରିଥାନ୍ତି।

## ୮. ନିଯୁକ୍ତିଦାତା କିଏ ବା ନିଯୁକ୍ତିଦାତାର ଅର୍ଥ ?

ଆଇନର ଧାରା (୨ଛ(କ)) ନିଯୁକ୍ତିଦାତାର ଅର୍ଥ

କ) ସଂପୃକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଏକ ବିଭାଗ, ସଂଗଠନ, ଉଦ୍ୟୋଗ, ପ୍ରତିଷ୍ଠାନ, ପ୍ରତିଷ୍ଠାନ, ବ୍ୟବସାୟିକ ଉଦ୍ୟୋଗ, ଅନୁଷ୍ଠାନ ଅଫିସ୍, ଶାଖା ବା ୟୁନିଟ୍ କ୍ଷେତ୍ରରେ ସଂପୃକ୍ତ ବିଭାଗର ସଂଗଠନ, ଉଦ୍ୟୋଗ, ପ୍ରତିଷ୍ଠାନ, ବ୍ୟବସାୟିକ ଉଦ୍ୟୋଗ, ଅନୁଷ୍ଠାନ, ଅଫିସ, ଶାଖା ବା ୟୁନିଟ୍ ସଂପୃକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଶାଖା ବା ୟୁନିଟ୍‌ର ମୁଖ୍ୟ ଅଥବା ଏଭଳି ଜଣେ ଅଫିସର ଯାହାଙ୍କୁ ସଂପୃକ୍ତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷ ଏଥି ଉଦ୍ଦେଶ୍ୟରେ ଜାରି ହୋଇଥିବା ଆଦେଶ ବଳରେ ନିର୍ଦ୍ଦିଷ୍ଟ କରିଥିବେ।

## ୯. ନିଯୁକ୍ତିଦାତାଙ୍କ ଦାୟିତ୍ୱସମୂହ କଣ ଅଟେ ?

ଆଇନର (ଧାରା ୧୯) ଅନୁସାରେ ପ୍ରତ୍ୟେକ ନିଯୁକ୍ତିଦାତା

(ଏ) କାର୍ଯ୍ୟସ୍ଥଳୀରେ ଏକ ଶ୍ରମ-ଅନୁକୂଳ ପରିବେଶ ସୃଷ୍ଟି କରିବେ, ଯେଉଁଥିରେ କାର୍ଯ୍ୟସ୍ଥଳୀର ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କ ଠାରୁ ସୁରକ୍ଷା ଅନ୍ତର୍ଭୁକ୍ତ ହେବ;

(ବି) ଯୌନ ଉତ୍ପୀଡନର ପରିଣତି ସ୍ୱରୂପ ଆଇନଗତ ଦଣ୍ଡ ବ୍ୟବସ୍ଥା ଏବଂ ଧାରା ୪ର ଉପଧାରା (୧) ଅଧୀନରେ ଆଭ୍ୟନ୍ତରୀଣ କମିଟିର ଗଠନ ସଂକ୍ରାନ୍ତୀୟ ଆଦେଶକୁ କାର୍ଯ୍ୟସ୍ଥଳୀର ଏକ ସୁଦୃଶ୍ୟ ସ୍ଥାନରେ ପ୍ରଦର୍ଶନ କରିବେ;

(ସି) କର୍ମଚାରୀମାନଙ୍କୁ ଆଇନର ବ୍ୟବସ୍ଥାବଳୀ ସମ୍ବନ୍ଧରେ ଜାଗ୍ରତ କରିବା ପାଇଁ ତଥା ଆଭ୍ୟନ୍ତରୀଣ କମିଟିର ସଭ୍ୟମାନଙ୍କର ମତିଗତିର ପରିବର୍ତ୍ତନ ପାଇଁ ବିହିତ ହେବାକୁ ଥିବା ପଦ୍ଧତିରେ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ସମୂହ ନିୟମିତ ଅନ୍ତରାଳରେ ଆୟୋଜନ କରିବେ;

(ଡି) ଗୋଟିଏ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ତଦନ୍ତର ପରିଚାଳନା ପାଇଁ ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିକୁ ଆବଶ୍ୟକ ସୁବିଧାମାନ ଯୋଗାଇ ଦେବେ;

(ଇ) ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିଙ୍କ ସମ୍ମୁଖରେ ପ୍ରତିପକ୍ଷ ଓ ସାକ୍ଷୀମାନଙ୍କ ହାଜିରାକୁ ସୁନିଶ୍ଚିତ କରାଇବାରେ ସାହାଯ୍ୟ ଦେବେ:

(ଏଫ୍) ଧାରା ୯ ର ଉପଧାରା (୧) ଅଧିନରେ ଦାଖଲ ହୋଇଥିବା ଏକ ଅଭିଯୋଗ ସମ୍ବନ୍ଧରେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଆବଶ୍ୟକ କରୁଥିବା ତଥ୍ୟାବଳୀ ଯୋଗାଇ ଦେବେ;

(ଜି) ଯଦି ଜଣେ ମହିଳା ଭାରତୀୟ ଦଣ୍ଡ ସଂହିତା କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅଧୀନସ୍ଥ ଏକ ଅପରାଧ ଉପରେ ଗୋଟିଏ ଅଭିଯୋଗ ଦାଖଲ କରିବାକୁ ଚାହିଁବେ ତାଙ୍କୁ ସହାୟତା ଯୋଗାଇଦେବେ;

(ଏଚ୍) ଯଦି ଯୌନ ଉତ୍ପୀଡ଼ନର ଘଟଣାଟି ଯେଉଁ କାର୍ଯ୍ୟସ୍ଥଳୀରେ ଘଟିଲା, ସଂପୃକ୍ତ ଦୁଷ୍କର୍ମକାରୀ ତାହାର ଜଣେ କର୍ମଚାରୀ ହୋଇନଥିବେ, ତେବେ ପୀଡ଼ିତା ମହିଳା ଚାହିଁବା ମୁତାବକ ସଂପୃକ୍ତ ଦୁଷ୍କୃତିକାରୀ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା କିମ୍ବା ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ;

(ଆଇ) ଯୌନ ଉତ୍ପୀଡ଼ନକୁ ଚାକିରି ନିୟମାବଳୀ ଅଧୀନରେ ଏକ ଅସଦାଚାରଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ;

(ଜେ) ଆଭ୍ୟନ୍ତରୀଣ କମିଟିଙ୍କର ସମୟାନୁବର୍ତ୍ତୀ ରିପୋର୍ଟ ଦାଖଲକୁ ତଦାରଖ କରିବେ;

## ୧୦. ଯାଥୋଚିତ ସରକାରର ଅର୍ଥ ?

ଏକ କାର୍ଯ୍ୟସ୍ଥଳୀ ବା ପରିପ୍ରେକ୍ଷୀରେ ଯଦି ତାହା ପ୍ରତିଷ୍ଠିତ, ମାଲିକାନାଧୀନ, ନିୟନ୍ତ୍ରିତ ବା ପ୍ରତ୍ୟକ୍ଷ ଅଥବା ପରୋକ୍ଷଭାବେ ବେଶ ଅର୍ଥପୁଷ୍ଟ ହୋଇଥାଏ ।

(ଏ) କେନ୍ଦ୍ର ସରକାର ବା କେନ୍ଦ୍ରାଞ୍ଚଳ ପ୍ରଶାସନ ଦ୍ୱାରା ତେବେ ସେ କ୍ଷେତ୍ରରେ କେନ୍ଦ୍ର ସରକାର

(ବି) ରାଜ୍ୟ ସରକାର ଦ୍ୱାରା ତେବେ ସେ କ୍ଷେତ୍ରରେ ରାଜ୍ୟ ସରକାର (ଖ) ଅନ୍ୟ କୌଣସି କାର୍ଯ୍ୟସ୍ଥଳୀ ଯାହାକି ପ୍ରକରଣ (୧)ରେ ଅନ୍ତର୍ଭୁକ୍ତ ହେଉ ନଥିବ ଅଥଚ ଏକ ନିର୍ଦ୍ଦିଷ୍ଟ ରାଜ୍ୟର ଅଞ୍ଚଳ ଭିତରେ ଅବସ୍ଥିତ ହୋଇଥିବ ତେବେ ସଂପୃକ୍ତ ରାଜ୍ୟ ସରକାର ।

## ୧୧. ଅଣସଂଗଠିତ କ୍ଷେତ୍ରର ସଂଜ୍ଞା ?

ଆଇନର ଧାରା ୨(୧) ଅନୁସାରେ ଗୋଟିଏ କାର୍ଯ୍ୟସ୍ଥଳୀ ପରିପ୍ରେକ୍ଷୀରେ ଅଣସଂଗଠିତ କ୍ଷେତ୍ର କହିଲେ ସେହି ପ୍ରକାର ଏକ ବ୍ୟବସାୟିକ ଉଦ୍ୟୋଗ ଯାହାକି କେତେକ ବ୍ୟକ୍ତିବିଶେଷ ବା ଆତ୍ମନିଯୁକ୍ତ ଶ୍ରମିକମାନଙ୍କ ମାଲିକାନାରେ ଥାଏ ଏବଂ ଯାହାକି କୌଣସି ପଣ୍ୟର ଉତ୍ପାଦନ ବା ବିକ୍ରୟରେ ଅଥବା କୌଣସି ସେବା ଯୋଗାଣରେ ନିୟୋଜିତ ଥାଏ ତଥା ଯେଉଁଠାରେ ସଂପୃକ୍ତ ଉଦ୍ୟୋଗ ଦ୍ୱାରା ନିଯୁକ୍ତ ଶ୍ରମିକଙ୍କ ସଂଖ୍ୟା ଦଶରୁ କମ୍ ହୋଇଥିବ ।

## ୧୨. ଗୃହକର୍ମୀ କିଏ ବା ଗୃହକର୍ମୀର ସଂଜ୍ଞା ?

ଆଇନର ଧାରା (୨ଙ) ଗୃହକର୍ମୀ ଅର୍ଥ ଜଣେ ମହିଳା ଯେ କି ଅର୍ଥ ବା ଅଗ୍ରୀମ ଆକାରରେ ପାରିଶ୍ରମିକ ନେଇ ସିଧାସଳଖ କିମ୍ବା କୌଣସି ସଂସ୍ଥା ମାଧ୍ୟମରେ ଅସ୍ଥାୟୀ, ସ୍ଥାୟୀ, ସାମୟିକ କିମ୍ବା ସର୍ବେକ୍ଷଣ ଭିତ୍ତିରେ ଗୃହକାର୍ଯ୍ୟ ପାଇଁ ନିଯୁକ୍ତ ହୋଇଥିବେ କିନ୍ତୁ ସଂପୃକ୍ତ ନିଯୁକ୍ତିଦାତାଙ୍କ ପରିବାରର ସଦସ୍ୟ ହୋଇନଥିବେ ।

## ୧୩. ଆଭ୍ୟନ୍ତରୀଣ ଅଭିଯୋଗ ସମିତି ମାନେ କଣ ?

ଏହି ଆଇନର ଧାରା ୪ ଉପଧାରା (୧) ଅନୁସାରେ ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ସେମାନଙ୍କର ନିଯୁକ୍ତିକାରୀ ଲିଖିତ ଆକାରରେ ଏକ ସମିତି ଗଠନ କରିବେ ଯାହାକି ଆଭ୍ୟନ୍ତରୀଣ ଅଭିଯୋଗ ସମିତି ହିସାବରେ ପରିଗଣିତ ହେବ ।

## ୧୪. ଆଭ୍ୟନ୍ତରୀଣ ଅଭିଯୋଗ ସମିତି କେଉଁଠାରେ ସ୍ଥାପିତ ହେବ ?

ଆଭ୍ୟନ୍ତରୀଣ ଅଭିଯୋଗ ସମିତି ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ସ୍ଥାପିତ ହେବ । ଧାରା (୪) ଉପଧାରା (୧) ଅନୁଯାୟୀ ପ୍ରତ୍ୟେକ ପ୍ରଶାସନ ସମ୍ବନ୍ଧୀୟ କାର୍ଯ୍ୟାଳୟ ଓ ସହର ମହକମା ସ୍ତରରେ ଯେଉଁଠାରେ କାର୍ଯ୍ୟସ୍ଥଳୀ ଅଛି ସେ ଯାଗାରେ ଏକକ ହିସାବରେ ଏହି ଆଭ୍ୟନ୍ତରୀଣ ଅଭିଯୋଗ ସମିତି ସ୍ଥାପିତ କରାଯିବ ।

## ୧୫. କେଉଁମାନେ ଏହି ଆଭ୍ୟନ୍ତରୀଣ ସମିତିର ସଦସ୍ୟ ରହିବେ ?

ଏହି ଆଇନର ଧାରା ୪ ଉପଧାରା (୨) କ, ଖ ଓ ଗ ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ ସମିତିରେ ନିମ୍ନବର୍ଣ୍ଣିତ ସଦସ୍ୟଙ୍କୁ ନେଇ ଗଠନ କରାଯିବ।

- ଅଧିଷ୍ଠାତ୍ରୀ କର୍ମଚାରୀ : ୧ ଜଣ କାର୍ଯ୍ୟସ୍ଥଳୀରେ କର୍ମଚାରୀମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ କର୍ମଚାରୀମାନେ ଜଣେ ମହିଳା ହୋଇଥିବେ।
- ସଦସ୍ୟ; ଅତିକମରେ (୨ଜଣ)- କର୍ମଚାରୀମାନଙ୍କ ମଧ୍ୟରୁ ଏହିମାନଙ୍କୁ ପସନ୍ଦଯୋଗ୍ୟ କରାଯିବ ଯେଉଁମାନେ କି ମହିଳାମାନଙ୍କର ଯୌନଶୋଷଣ ସମସ୍ୟା ସଂପର୍କରେ ସୁପରିଚିତ।
- ସଦସ୍ୟମାନଙ୍କର ସମୁଦାୟ ସଂଖ୍ୟାରୁ ଅତିକମ୍‌ରେ ଅଧା ସଂଖ୍ୟା ମହିଳା ହେବା ଆବଶ୍ୟକ।

## ୧୬. ସଦସ୍ୟମାନଙ୍କର କାର୍ଯ୍ୟକାଳ କେତେଦିନ ଅଟେ ?

ଏହି ଆଇନର ଧାରା ୪ ଉପଧାରା (୩) ଅନୁଯାୟୀ ଆଭ୍ୟନ୍ତରୀଣ ସମିତିର ଅଧିଷ୍ଠାତ୍ରୀ କର୍ମଚାରୀ ଓ ପ୍ରତ୍ୟେକ ସଦସ୍ୟମାନଙ୍କର କାର୍ଯ୍ୟକାଳ ସେମାନଙ୍କର ମନୋନୟନଠାରୁ ୩ ବର୍ଷରୁ ଅଧିକ ହେବନାହିଁ।

## ୧୭. ଆଭ୍ୟନ୍ତରୀଣ ସମିତିର କେଉଁ ସଦସ୍ୟମାନଙ୍କୁ ସେମାନଙ୍କର ପାଉଣା କିମ୍ବା ଭତ୍ତା କେତେ ଓ କାହିଁକି ଦିଆଯିବ ?

ଏହି ଆଇନର ଧାରା (୪) ଉପଧାରା (୪) ଅନୁଯାୟୀ ସଦସ୍ୟମାନେ ଯେଉଁମାନେ କି ବେସରକାରୀ ସଂସ୍ଥାରୁ ନିଯୁକ୍ତି ପ୍ରାପ୍ତ ସେମାନେ ସେମାନଙ୍କର ପାଉଣା କିମ୍ବା ଭତ୍ତା ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣି ଉପରେ ନିର୍ଭର କରାଯିବ।

ଏହି ଆଇନର ଧାରା ୩ ଓ ନିୟମାବଳୀ ବେସରକାରୀ ସଂସ୍ଥାରୁ ନିଯୁକ୍ତି ପାଇଥିବା ସଦସ୍ୟ ଦୈନିକ ଟ.୨୦୦.୦୦ ହିସାବରେ ଭତ୍ତା ପାଇବେ। ଯାତ୍ରା ଖର୍ଚ୍ଚ ହିସାବରେ ତୃତୀୟ ଶ୍ରେଣୀ ଶୀତତାପ ନିୟନ୍ତ୍ରିତ ରେଳ ବା ବସ୍ ଏବଂ ଅଟୋରିକ୍ସା କିମ୍ବା ଅନ୍ୟ ଯେକୌଣସି ମାଧ୍ୟମରେ ଯାତ୍ରା କରିଥିବେ ଏବଂ ଏମାନଙ୍କ ମଧ୍ୟରୁ ଯେଉଁଟା କମ୍ ଖର୍ଚ୍ଚ ହୋଇଥିବ ସେହି ଖର୍ଚ୍ଚ ସେମାନେ ଫେରସ୍ତ ପାଇବେ।

## ୧୮. କେଉଁ ବ୍ୟକ୍ତି ବିଶେଷଙ୍କୁ ଯୌନ ଶୋଷଣ ସମସ୍ୟା ସଂପର୍କରେ ସୁପରିଚିତ ବୋଲି ଧରାଯିବ ?

(ପ୍ରଶ୍ନ ନଂ ୧୫ କୁ ଓ ଉତ୍ତର ୩ ର ପ୍ରସଂଗକୁ ଦେଖନ୍ତୁ)

ଏହି ବ୍ୟକ୍ତି ଯାହାରକି ୫ ବର୍ଷର ସମାଜସେବା କ୍ଷେତ୍ରରେ ଅଭିଜ୍ଞତା ଥିବ ଯାହାକି କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ଶୋଷଣ ସମ୍ବନ୍ଧରେ ମହିଳାମାନଙ୍କୁ ଅଧିକ କ୍ଷମତା ପ୍ରଦାନ କିମ୍ବା ଧାରା ୪ ଅନୁଯାୟୀ ଏହି ବିଷୟରେ ଅବଗତି କରିପାରୁଥିବେ। ଏହି ବ୍ୟକ୍ତି ଯେ କି ଶ୍ରମ, ଚାକିରି, ଦେୱାନୀ, ଫୌଜଦାରୀ ଆଇନରେ ଅଭିଜ୍ଞ ଥିବେ।

## ୧୯. ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ କେଉଁ ବ୍ୟକ୍ତିବିଶେଷ, ସଦସ୍ୟମାନଙ୍କୁ ପାଉଣା ଓ ଭତ୍ତା ପ୍ରଦାନ କ୍ଷେତ୍ରରେ ଉତ୍ତରଦାୟୀ ?

ଏହି ଆଇନର ନିୟମାବଳୀ ଧାରା ୩ ଅନୁଯାୟୀ ନିଯୁକ୍ତିଦାତା ସଦସ୍ୟମାନଙ୍କୁ ପ୍ରଦାନ କରାଯାଉଥିବା ପାଉଣା ଓ ଭତ୍ତା ପାଇଁ ଉତ୍ତରଦାୟୀ ଅଟନ୍ତି।

## ୨୦. କିଏ ଜିଲ୍ଲା ଅଧିକାରୀ ଅଟନ୍ତି ?

ଏହି ଆଇନର ଧାରା ୫ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ କିମ୍ବା ଉପଜିଲ୍ଲାପାଳ ଜିଲ୍ଲା ଅଧିକାରୀ ଅଟନ୍ତି।

ଓଡ଼ିଶାରେ ମହିଳା ଓ ଶିଶୁବିକାଶ ବିଭାଗର ବିଜ୍ଞପ୍ତି ନଂ ୨୩୩୯୯ ତା ୭ ଡିସେମ୍ବର ୨୦୧୬ ଅନୁସାରେ ପ୍ରତ୍ୟେକ ଜିଲ୍ଲାପାଳ ସେହି ଜିଲ୍ଲାପାଇଁ ଜିଲ୍ଲା ଅଧିକାରୀ ହିସାବରେ ଘୋଷଣା କରାଯାଇଛି।

## ୨୧. ଜିଲ୍ଲା ଅଧିକାରୀମାନଙ୍କର କ୍ଷମତା ଓ କର୍ତ୍ତବ୍ୟଗୁଡ଼ିକ କଣ ?

ଏହି ଆଇନର ଧାରା ୨୦ ଅନୁସାରେ ଜିଲ୍ଲା ଅଧିକାରୀ ଠିକଣା ସମୟରେ ସ୍ଥାନୀୟ ଅଭିଯୋଗ ସମିତି ଦ୍ୱାରା ଦାଖଲ କରାଯାଉଥିବା ଲିଖିତ ବିବରଣୀଗୁଡ଼ିକୁ ଯାଞ୍ଚ କରିବା ଏବଂ ଦରକାର କ୍ଷେତ୍ରରେ ବେସରକାରୀ ସଂସ୍ଥାର ସାହାଯ୍ୟ ନେଇ ଯୌନ ଶୋଷଣ ସଂପର୍କରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ସଚେତନତା କରାଇବା ହେଉଛି ଜିଲ୍ଲା ଅଧିକାରୀମାନଙ୍କର କର୍ତ୍ତବ୍ୟ।

## ୨୨. ସ୍ଥାନୀୟ ଆଭ୍ୟନ୍ତରୀଣ ସମିତି କଣ ?

ଏହି ଆଇନର ଧାରା (୬) ଉପଧାରା (୧) ଅନୁଯାୟୀ ଜିଲ୍ଲାସ୍ତରରେ ଗଠନ କରାଯାଉଥିବା ସମିତିକୁ ସ୍ଥାନୀୟ ଆଭ୍ୟନ୍ତରୀଣ ସମିତି କୁହାଯାଏ।

## ୨୩. କିଏ ଏହି ସ୍ଥାନୀୟ ଆଭ୍ୟନ୍ତରୀଣ ସମିତି ଗଠନ କରିବ ?

ଏହି ଆଇନର ଧାରା ୬ (୧) ଅନୁଯାୟୀ ଜିଲ୍ଲା ଅଧିକାରୀ ଏହି ସ୍ଥାନୀୟ ଆଭ୍ୟନ୍ତରୀଣ ସମିତି ଗଠନ କରିବେ।

## ୨୪. ସ୍ଥାନୀୟ ଆଭ୍ୟନ୍ତରୀଣ ସମିତିର କାର୍ଯ୍ୟାବଳୀ କଣ ?

ଏହି ଆଇନର ଧାରା ୬ (୧) ଅନୁଯାୟୀ ଯେଉଁ କାର୍ଯ୍ୟସ୍ଥଳୀରେ ୧୦ ରୁ କମ୍ କର୍ମଚାରୀ ଅଛନ୍ତି ଏବଂ ସେଠାରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଗଠନ କରାଯାଇ ନାହିଁ ସେ କ୍ଷେତ୍ରରେ ଏହି ସ୍ଥାନୀୟ ଆଭ୍ୟନ୍ତରୀଣ ସମିତି ମହିଳାମାନଙ୍କ କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ଶୋଷଣ ସଂକ୍ରାନ୍ତରେ ଅଭିଯୋଗ ଗ୍ରହଣ କରିବେ।

## ୨୫. ସ୍ଥାନୀୟ ଅଭିଯୋଗ କମିଟିର କ୍ଷେତ୍ରାଧିକାର କେଉଁ ପର୍ଯ୍ୟନ୍ତ ?

ସ୍ଥାନୀୟ ଅଭିଯୋଗ କମିଟିର କ୍ଷେତ୍ରାଧିକାର ଜିଲ୍ଲାର ସେହି ପର୍ଯ୍ୟନ୍ତ ପରିବ୍ୟାପ୍ତ ଯେଉଁଠାରେ ଏହା ସଂସ୍ଥାପିତ।

## ୨୬. କେଉଁମାନେ ସ୍ଥାନୀୟ ଅଭିଯୋଗ କମିଟିର ସଦସ୍ୟ /ସଦସ୍ୟା ଅଟନ୍ତି ?

ସ୍ଥାନୀୟ ଅଭିଯୋଗ କମିଟି ନିମ୍ନଲିଖିତ ସଦସ୍ୟ/ସଦସ୍ୟାଙ୍କୁ ନେଇ ଗଠନ କରାଯିବ।

- ଅଧ୍ୟକ୍ଷା –୧ ଜଣେ ସୁପ୍ରସିଦ୍ଧ ସମାଜ କର୍ମୀ ଓ ମହିଳାମାନଙ୍କ ସ୍ୱାର୍ଥପାଇଁ ପ୍ରତିବଦ୍ଧ ଜଣେ ମହିଳା
- ସଦସ୍ୟ/ସଦସ୍ୟା– ୧ ଜଣ ବ୍ଲକରେ, ତାଲୁକରେ କିମ୍ବା ତହସିଲରେ ବା ୱାର୍ଡରେ କିମ୍ବା ପୌରପାଳିକାରେ କାର୍ଯ୍ୟରତ ମହିଳାମାନଙ୍କ ମଧ୍ୟରୁ ଜଣେ ମନୋନୀତ ମହିଳା।
- ସଦସ୍ୟ/ସଦସ୍ୟା– ୨ ଜଣ ମହିଳାମାନଙ୍କ କାର୍ଯ୍ୟ ନିମନ୍ତେ ପ୍ରତିବଦ୍ଧ ଥିବା ବେସରକାରୀ ସଂସ୍ଥା ବା ସଂଘ ମଧ୍ୟରୁ କିମ୍ବା ଯୌନ ଉତ୍ପୀଡ଼ନ ସମ୍ବନ୍ଧୀୟ ବିଷୟରେ କାର୍ଯ୍ୟରତ ଜଣେ ସୁପରିଚିତ ବ୍ୟକ୍ତିଙ୍କୁ ମନୋନୀତ କରାଯିବ।
- ୨ ଜଣଙ୍କ ମଧ୍ୟରୁ ଅତି କମ୍‌ରେ ଜଣେ ମହିଳା ହେବେ
- ୨ ଜଣଙ୍କ ମଧ୍ୟରୁ ଅତି କମ୍‌ରେ ଜଣଙ୍କର ଆଇନ ପୃଷ୍ଠଭୂମି ବା ଆଇନ ସମ୍ବନ୍ଧୀୟ ଜ୍ଞାନ ଥିବା ଉଚିତ୍।
- ୨ ଜଣଙ୍କ ମଧ୍ୟରୁ ଅତି କମ୍‌ରେ ଜଣେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଉପଜାତି ବା ଅନ୍ୟ ପଛୁଆ ବର୍ଗ କିମ୍ବା ସଂଖ୍ୟା ଲଘୁ ସଂପ୍ରଦାୟର ମହିଳା ହେବେ।

- ସରକାରୀ ସଦସ୍ୟ ରାଜ୍ୟରେ ସମାଜ କଲ୍ୟାଣ କିମ୍ବା ମହିଳା ଓ ଶିଶୁ ବିକାଶ ବିଗରେ କାର୍ଯ୍ୟ କରୁଥିବା ସଂପୃକ୍ତ ଅଧିକାରୀ।

**୨୭. ସ୍ଥାନୀୟ ଅଭିଯୋଗ କମିଟିର କାର୍ଯ୍ୟକାଳ କେତେ ?**

ସ୍ଥାନୀୟ ଅଭିଯୋଗ କମିଟିର ଅଧକ୍ଷା କିମ୍ବା ସବୁ ସଦସ୍ୟ ମନୋନୀତ ହେବା ଦିନଠାରୁ ୩ ବର୍ଷରୁ ଅଧିକ ରହିବେ ନାହିଁ। (ଅଧିନିୟମ ଧାରା ୭(୨)।

**୨୮. ନୋଡ଼ାଲ ଅଧିକାରୀ କିଏ ?**

ଜିଲ୍ଲା ଅଧିକାରୀ, ଗ୍ରାମାଞ୍ଚଳ ବା ଆଦିବାସୀ ଅଂଚଳ ପାଇଁ ପ୍ରତ୍ୟେକ ବ୍ଲକ, ତାଲୁକ ଓ ତହସିଲରେ ଏବଂ ସହରାଞ୍ଚଳରେ ୱାର୍ଡ ବା ପୌରପାଳିକାରେ ଜଣେ ନୋଡ଼ାଲ ଅଧିକାରୀଙ୍କୁ ନିଯୁକ୍ତି ଦେବେ।

**୨୯. ନୋଡ଼ାଲ ଅଧିକାରୀଙ୍କ କାର୍ଯ୍ୟ କଣ ?**

ନୋଡ଼ାଲ ଅଧିକାରୀ ଅଭିଯୋଗଗୁଡ଼ିକୁ ଗ୍ରହଣ କରନ୍ତି ଏବଂ ୭ ଦିନ ଭିତରେ ସଂପୃକ୍ତ ସ୍ଥାନୀୟ ଅଭିଯୋଗ କମିଟିକୁ ପଠାଇ ଦିଅନ୍ତି। (ଧାରା ୬ ର (୨)

**୩୦. ସ୍ଥାନୀୟ ଅଭିଯୋଗ କମିଟିର କେଉଁ ସଦସ୍ୟ/ସଦସ୍ୟାଙ୍କୁ ଫିସ୍ କିମ୍ବା ଭଡା ଦିଆଯିବ, କାହିଁକି ଓ କେତେ ପରିମାଣ ?**

ବ୍ଲକ, ତାଲୁକ ବା ତହସିଲ କିମ୍ବା ୱାର୍ଡ ବା ପୌରପାଳିକାରୁ ମନୋନୀତ ହୋଇଥିବା ସଦସ୍ୟ /ସଦସ୍ୟା କିମ୍ବା ସାମାଜିକ କଲ୍ୟାଣରେ କାର୍ଯ୍ୟରତ ଅଧିକାରୀଙ୍କ ବ୍ୟତୀତ ଅଧକ୍ଷା ଓ ସଦସ୍ୟମାନେ ଫିସ୍ କିମ୍ବା ଭତ୍ତା ପାଇବେ। (ଅଧିନିୟମର ଧାରା ୭ (୪)) ନିୟମର ଧାରା ୫ ବର୍ଣ୍ଣନା କରେ ଯେ କମିଟିର କାର୍ଯ୍ୟଧାରାରେ ଭାଗନେବା ପାଇଁ ସ୍ଥାନୀୟ କମିଟିର ଅଧକ୍ଷା ଦିନକୁ ୨୫୦ ଟଙ୍କା ପାଇବାକୁ ଯୋଗ୍ୟ ହେବେ ଏବଂ ବ୍ଲକ, ତାଲୁକ ବା ତହସିଲ କିମ୍ବା ୱାର୍ଡ ବା ପୌରପାଳିକାରୁ ମନୋନୀତ ହୋଇଥିବା ସଦସ୍ୟ /ସଦସ୍ୟା କିମ୍ବା ସାମାଜିକ କଲ୍ୟାଣରେ କାର୍ଯ୍ୟରତ ଅଧିକାରୀ ବ୍ୟତୀତ ଅନ୍ୟ ସଦସ୍ୟ /ସଦସ୍ୟା ଦିନକୁ ୨୦୦ ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ତୃତୀୟ ବାତାନୁକୂଳ ରେଳ, ବସ୍ କିମ୍ବା ଅଟୋରିକ୍ସା ବା ଟ୍ୟାକ୍ସି (ଭଡା ଗାଡ଼ି)ରେ ଯାତ୍ରା ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ବା ଗସ୍ତ ସମୟରେ ତାଙ୍କ ଦ୍ୱାରା କରାଯାଇଥିବା ପ୍ରକୃତ ଖର୍ଚ୍ଚ, ଯେଉଁଟି କମ୍ ହେବ, ତାହା ପ୍ରତି ପୂରଣ କରାଯିବ।

**୩୧. ସ୍ଥାନୀୟ ଅଭିଯୋଗ କମିଟିକୁ କିଏ ଟଙ୍କା ପ୍ରଦାନ କରିବ ?**

ଭତ୍ତା ପ୍ରଦାନ ପାଇଁ ଜିଲ୍ଲା ଅଧିକାରୀ ଦାୟୀ ରହିବେ।

**୩୨. ଗୋଟିଏ ଅଭିଯୋଗ କିପରି କରାଯିବ ?**

ଯେ କୌଣସି ବ୍ୟଥିତା /କ୍ଷୁବ୍ଧା ମହିଳା କର୍ମସ୍ଥଳୀରେ ହୋଇଥିବା ଯୌନ ଉତ୍ପୀଡ଼ନ ବିଷୟ, ଘଟଣା ଘଟିବାର ୩ ମାସ ଭିତରେ ଆଭ୍ୟନ୍ତରୀଣ କମିଟି /ସ୍ଥାନୀୟ କମିଟିକୁ ଲିଖିତ ଅଭିଯୋଗ କରିବେ। ଯଦି ଉକ୍ତ ମହିଳା ଲେଖି ପାରନ୍ତି ନାହିଁ, ଆଭ୍ୟନ୍ତରୀଣ କମିଟିର ପଦାସୀନ ଅଧିକାରୀ /ଅଧକ୍ଷା /ଯେକୌଣସି ସଦସ୍ୟା କିମ୍ବା ସ୍ଥାନୀୟ କମିଟିର ଯେକୌଣସି ସଦସ୍ୟା ତାଙ୍କୁ ସାହାଯ୍ୟ କରିବାର ସବୁ ଦାୟିତ୍ୱ ବହନ କରିବେ। (ଧାରା ୯(୧))।

**୩୩. ଅଭିଯୋଗ ପତ୍ର ପ୍ରାପ୍ତ ପରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ସ୍ଥାନୀୟ ଅଭିଯୋଗ କମିଟିର କଣ କାର୍ଯ୍ୟାନୁଷ୍ଠାନ ହେବ ?**

**ପସନ୍ଦ-** (କ) ଅଭିଯୋଗ ପତ୍ର ପ୍ରାପ୍ତ ପରେ ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ ଅଭିଯୋଗ କମିଟି, ଜବାବଦାତା

(ପ୍ରତିପକ୍ଷ)ଙ୍କ ପାଇଁ ପ୍ରଯୁଜ୍ୟ ସେବା ଆଇନ ଅନୁସାରେ କିମ୍ବା ଯେଉଁଠାରେ ଏପରି କୌଣସି ସେବା ଆଇନ ଉପଲବ୍ଧ ନାହିଁ ଉକ୍ତ ଅଧିନିୟମ (ଧାରା ୧୧(୧)) ଅନୁସାରେ ଗଠନ ହୋଇଥିବା ଆଇନ ଅନୁଯାୟୀ ଏକ ତଦନ୍ତ ଆବଶ୍ୟକ କରିବେ।

ପସନ୍ଦ-(ଖ) ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଅଭିଯୋଗଟିକୁ ପୋଲିସଙ୍କ ପାଖକୁ ପଠାଇ ପାରେ।

## ୩୪. ଯେଉଁଠାରେ ଉଭୟପକ୍ଷ (ଗୋଟିଏ କର୍ମସ୍ଥଳୀର)କର୍ମଚାରୀ ହୋଇଥିବେ ସେତେବେଳେ କଣ କରାଯିବ ?

ଯେଉଁଠାରେ ଉଭୟପକ୍ଷ କର୍ମଚାରୀ ହୋଇଥିବେ ତଦନ୍ତ ସମୟରେ ପକ୍ଷମାନଙ୍କୁ ଶୁଣିବା ପାଇଁ ସୁଯୋଗ ଦିଆଯିବ ଏବଂ ନିଷ୍କର୍ଷର ଗୋଟିଏ ଲେଖାଏଁ ନକଲ ପକ୍ଷମାନଙ୍କୁ ପ୍ରଦାନ କରାଯିବ ଯାହା ଦ୍ୱାରା ସେମାନେ ଉକ୍ତ ନିଷ୍କର୍ଷ ବିରୁଦ୍ଧରେ କମିଟି ଆଗରେ ଦରଖାସ୍ତ କରିପାରିବେ।

## ୩୫. ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିର କ୍ଷମତା କଣ ?

ତଦନ୍ତ କରିବା ସମୟରେ ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ ଅଭିଯୋଗ କମିଟିର ସେହି ଏକା କ୍ଷମତା ସବୁ ରହିବ ଯାହାକି ଦେୱାନୀ କାର୍ଯ୍ୟବିଧି ଆଇନ୍ ୧୯୦୮ ଅନୁସାରେ ନିମ୍ନଲିଖିତ ସମ୍ବନ୍ଧରେ ଏକ ମାମଲା ଚାଲୁ ରଖିବା ପାଇଁ ଦେୱାନୀ ଅଦାଲତକୁ ନ୍ୟସ୍ତ କରାଯାଇଛି। (ଅଧିନିୟମର ଧାରା ୧୧(୩))

- ଯେ କୌଣସି ବ୍ୟକ୍ତିଙ୍କୁ ସମନ ଜାରି କରି ଉପସ୍ଥିତ ହେବା ପାଇଁ ବାଧ୍ୟ କରିପାରିବେ ଏବଂ ତାଙ୍କୁ ଶପଥ ପୂର୍ବକ ଜେରା କରିବେ।
- ଯେ କୌଣସି କାଗଜପତ୍ର ବା ଦସ୍ତାବିଜର ଉପସ୍ଥାପନା ବା ପେସ୍ କରାଇବା ପାଇଁ ଦରକାର କରିବେ।
- ନ୍ୟସ୍ତ/ ବିହିତ କରାଯାଉଥିବା ଅନ୍ୟ ଯେ କୌଣସି ବିଷୟ।

## ୩୬. ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ଅଭିଯୋଗଟିକୁ କେତେବେଳେ ପୋଲିସ ପାଖକୁ ପଠାଇ ପାରିବ ?

ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ମୋକଦ୍ଦମାଟିକୁ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୫୦୯ ଅନୁସାରେ ଏବଂ ଭାରତୀୟ ପିଙ୍ଗଳ କୋର୍ଡର ଅନ୍ୟ ସମ୍ବନ୍ଧିତ ବ୍ୟବସ୍ଥା ଅନୁସାରେ ପଞ୍ଜିକରଣ କରିବା ପାଇଁ ପୋଲିସ ପାଖକୁ ୭ ଦିନ ଭିତରେ ପଠାଇବେ।

ସମାଧାନ ଚୁକ୍ତିର ସର୍ତ୍ତାବଳୀ ପାଳନ ନହୋଇଥିବା ଘଟଣାରେ ଏବଂ ବ୍ୟଥିତା ମହିଳା ଜଣକ ଏ ବିଷୟରେ ଯେତେବେଳେ ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟିକୁ ସୂଚନା ଦିଅନ୍ତି ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ତଦନ୍ତ କରି ପାରନ୍ତି କିମ୍ବା ଅଭିଯୋଗଟିକୁ ପୋଲିସ ପାଖକୁ ପଠାଇ ପାରନ୍ତି।

## ୩୭. ଅଭିଯୋଗଟି ଦେବା ପାଇଁ ଜଣେ ବ୍ୟଥିତା /କ୍ଷୁବ୍ଧା /ପୀଡିତା ମହିଳାଙ୍କ ପାଇଁ ସମୟସୀମା କେତେ ?

ଯେକୌଣସି ବ୍ୟଥିତା /କ୍ଷୁବ୍ଧା ମହିଳା କର୍ମସ୍ଥଳୀରେ ହୋଇଥିବା ଯୌନ ଉତ୍ପୀଡନ ବିଷୟ, ଘଟଣା ଘଟିବାର କିମ୍ବା ଲଗାତାର ଘଟଣା କ୍ଷେତ୍ରରେ ଶେଷ ଘଟଣା ଘଟିବା ଦିନର ୩ ମାସ ଭିତରେ ଆଭ୍ୟନ୍ତରୀଣ କମିଟି /ସ୍ଥାନୀୟ କମିଟିକୁ ଲିଖିତ ଅଭିଯୋଗ କରିବେ। (ଧାରା ୯(୧))

## ୩୮. ତିନି (୩) ମାସର ଅବଧିକୁ ବଢାଯାଇ ପାରିବ କି ?

ଆଭ୍ୟନ୍ତରୀଣ ସମିତି ଓ ସ୍ଥାନୀୟ ସମିତି ଅବଧିକୁ ବଢାଯାଇ ପାରିବ। ମାତ୍ର ୩ ମାସରୁ ଅଧିକ ନୁହେଁ, ଯଦି ହୃଦବୋଧ ହୁଏ ଯେ ପରିସ୍ଥିତି ଏପରି ଥିଲା, ଯାହା ପୀଡ଼ିତା ମହିଳାଙ୍କୁ ଏହି ସମୟ ମଧ୍ୟରେ ଅଭିଯୋଗ କରିବାକୁ ବାଧା ଦେଇଥିଲା। (ଏହି ନିୟମର ଧାରା ୯(୧))।

## ୩୯. ଏହି ଧାରା ଅନୁଯାୟୀ ଅନ୍ୟ କେହି ଅଭିଯୋଗ କରି ପାରିବେ କି ?

ଯଦି ପୀଡିତା ମହିଳାଟି ମାନସିକ ଓ ଶାରୀରିକ ଅବସ୍ଥା ଦୃଷ୍ଟିରୁ ଅଭିଯୋଗ କରିବା ଅବସ୍ଥାରେ ନଥାଏ, ତେବେ ତାଙ୍କର ଆଇନତଃ ଉତ୍ତରାଧିକାରୀ କିମ୍ବା ଏହିଭଳି ଅନ୍ୟ କେହି ବ୍ୟକ୍ତି ଏପରି କରିପାରନ୍ତି। (ଏହି ନିୟମର ଧାରା ୯(୨))।

## ୪୦. ଆପୋଷ ସମାଧାନ ନିମନ୍ତେ ଏହାର ସୁଯୋଗ ଓ ଆବଶ୍ୟକତା କଣ ?

ତଦନ୍ତ କରିବା ପୂର୍ବରୁ ପୀଡିତା ମହିଳାଙ୍କ ଅନୁରୋଧ କ୍ରମେ ଆଭ୍ୟନ୍ତରୀଣ କମିଟି (ଆଇସି) କିମ୍ବା ସ୍ଥାନୀୟ କମିଟି (ଏଲ୍‌ସି) ପକ୍ଷଭୁକ୍ତ ମାନଙ୍କ ମଧ୍ୟରେ ଆପୋଷ ସମାଧାନ ନିମନ୍ତେ ଚେଷ୍ଟା କରି ପାରିବେ। ଯାହା ହେଲା, ଆପୋଷ ସମାଧାନ କ୍ରମେ ଏଥିରେ ଅର୍ଥ ଦେଣନେଣ କରାଯାଇ ପାରିବ ନାହିଁ (ଏହି ନିୟମର ଧାରା ୧୦(୧))।

ଯେତେବେଳେ ଆଭ୍ୟନ୍ତରିଣ କମିଟି (ଆଇସି) କିମ୍ବା ସ୍ଥାନୀୟ କମିଟି (ଏଲ୍‌ସି)ଙ୍କ ମାଧ୍ୟମରେ ସମାଧାନ କରାଯାଇଥିବ, ସମାଧାନକୁ ପଞ୍ଜିକୃତ କରାଯିବ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ଅଧିକାରୀ କିମ୍ବା ନିଯୁକ୍ତିକାରୀଙ୍କ ନିମନ୍ତେ ପ୍ରେରଣ କରାଯିବ (ଏହି ନିୟମର ଧାରା ୧୦(୨))।

ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ସମାଧାନର ନକଲ ପୀଡିତା ଓ ଉତ୍ତରଦାତାଙ୍କୁ ଯୋଗାଇ ଦେବେ (ଏହି ଧାରାର ଉପଧାରା ୧୦(୩))।

## ୪୧. ସମାଧାନ ପରେ ପୁନର୍ବାର ତଦନ୍ତ କରାଯାଇ ପାରିବ କି ?

ଯେତେବେଳେ ଏହାର ସମାଧାନ ହୋଇ ପାରିବ, ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଏହାର ପୁନର୍ବାର ତଦନ୍ତ କରି ପାରିବ ନାହିଁ (ଏହି ଧାରାର ଉପଧାରା ୧୦(୪))। ତେବେ ଯଦି ପୀଡ଼ିତା ମହିଳା ଆଭ୍ୟନ୍ତରୀଣ କମିଟି (ଆଇସି) କିମ୍ବା ସ୍ଥାନୀୟ କମିଟି (ଏଲ୍‌ସି) ଙ୍କୁ ଜଣାଏ ଯେ ଉତ୍ତରଦାତା ସମାଧାନର କୌଣସି ସର୍ତ୍ତାବଳୀକୁ ପାଳନ କରିନାହାନ୍ତି; ତେବେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଏହାର ପୁନର୍ବାର ତଦନ୍ତ କରି ପାରିବେ କିମ୍ବା ଆରକ୍ଷୀଙ୍କୁ ଏହି ଅଭିଯୋଗ ପଠାଇ ପାରିବେ। (ଏହି ଧାରାର ଉପଧାରା ୧୧(୧))।

## ୪୨. ତଦନ୍ତର ସମୟ ଅବଧି କଣ ?

୯୦ ଦିନ ମଧ୍ୟରେ ତଦନ୍ତ ସମାପ୍ତ କରାଯିବା ଉଚିତ୍ (ଏହି ଧାରାର ଉପଧାରା ୧୧(୪))।

## ୪୩. ତଦନ୍ତ ଚାଲିଥିବା ବେଳେ ଆଭ୍ୟନ୍ତରୀଣ କମିଟି (ଆଇସି) କିମ୍ବା ସ୍ଥାନୀୟ କମିଟି (ଏଲ୍‌ସି) ନିଯୁକ୍ତିଦାତାଙ୍କୁ କଣ ସୁପାରିଶ କରି ପାରିବେ ?

ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ ଅଭିଯୋଗ କମିଟିର ତଦନ୍ତ ଚାଲିଥିବାବେଳେ ପୀଡ଼ିତା ମହିଳାଙ୍କର ଲିଖିତ ଅନୁରୋଧ କ୍ରମେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ନିଯୁକ୍ତିଦାତାଙ୍କୁ ନିମ୍ନଲିଖିତ ସୁପାରିଶ କରିପାରିବେ। (ଏହି ଧାରାର ଉପଧାରା ୧୨(୧))।

- ପୀଡ଼ିତା କିମ୍ବା ଜବାବଦାତାଙ୍କୁ ଅନ୍ୟ କାର୍ଯ୍ୟସ୍ଥଳୀକୁ ପ୍ରେରଣ କରିବା କିମ୍ବା
- ୩ ମାସ ପର୍ଯ୍ୟନ୍ତ ପୀଡ଼ିତାଙ୍କୁ ଛୁଟି ପ୍ରଦାନ କରିବା କିମ୍ବା
- ପୀଡ଼ିତାଙ୍କୁ ଏହିପରି ଅନ୍ୟ ସୁବିଧା ଦେବା କିମ୍ବା
- ପୀଡ଼ିତା ପାଇବାକୁ ହକ୍‌ଦାର ଥିବା ଛୁଟି ସହିତ ଏହି ଧାରାର ୧୨(୧) ଛୁଟି ପ୍ରଦାନ କରିବା।

## ୪୪. ତଦନ୍ତ ସରିବା ପରେ (ଆଇସି) ଆଭ୍ୟନ୍ତରୀଣ କମିଟି (ଏଲ୍‌ସି) ସ୍ଥାନୀୟ କମିଟିଙ୍କୁ କଣ କରିବାକୁ ପଡ଼ିବ ?

ତଦନ୍ତ ସରିବାର ୧୦ ଦିନ ମଧ୍ୟରେ ଆଭ୍ୟନ୍ତରୀଣ କମିଟି (ଆଇସି) କିମ୍ବା ସ୍ଥାନୀୟ କମିଟି (ଏଲ୍‌ସି) ତଦନ୍ତ ରିପୋର୍ଟ ନିଯୁକ୍ତିଦାତା କିମ୍ବା ଜିଲ୍ଲା ଅଧିକାରୀଙ୍କୁ ତଦନ୍ତର ସମସ୍ତ ବିବରଣୀ ପ୍ରେରଣ କରିବେ ଏବଂ ଏହିପରି ବିବରଣୀ ସଂପୃକ୍ତ ପକ୍ଷମାନଙ୍କୁ ମଧ୍ୟ ଯୋଗାଇ ଦେବେ। (ଏହି ଧାରାର ଉପଧାରା ୧୩(୧))।

## ୪୫. ତଦନ୍ତ ସାରିବା ପରେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ନିଯୁକ୍ତିଦାତା କିମ୍ବା ଜିଲ୍ଲା ଅଧିକାରୀଙ୍କୁ କଣ ସୁପାରିଶ କରିପାରିବେ ?

ବିକଳ୍ପ ୧: ଯଦି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ତଦନ୍ତ ପରେ ସିଦ୍ଧାନ୍ତରେ ପହଂଚିଛି ଯେ ଜବାବଦାତାଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରମାଣ ହୋଇ ପାରିନାହିଁ। ଏହା ନିଯୁକ୍ତିଦାତା କିମ୍ବା ଜିଲ୍ଲା ଅଧିକାରୀଙ୍କୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନିମନ୍ତେ ସୁପାରିଶ କରିପାରିବେ (ଏହି ନିୟମର ଧାରା ୧୩(୨))।

ବିକଳ୍ପ ୨: ଯଦି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ ଜବାବଦାତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି, ଏହା ନିଯୁକ୍ତିଦାତା କିମ୍ବା ଜିଲ୍ଲା ଅଧିକାରୀଙ୍କୁ ନିମ୍ନଲିଖିତ ପ୍ରକାରେ ଜଣାଇବେ:

- ଚାକିରି ସର୍ତ୍ତାବଳୀ କ୍ରମେ ଅବମାନନା ଓ ଯୌନ ନିର୍ଯ୍ୟାତନା ନିମନ୍ତେ ଉତ୍ତରଦାତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କିମ୍ବା ଯେଉଁଠାରେ ଏହିପରି ଚାକିରି ସର୍ତ୍ତାବଳୀ କରାଯାଇନଥିବ।
- ଯଦି ନିଯୁକ୍ତିଦାତା ଉତ୍ତରଦାତାଙ୍କର ବହୁଦିନର ଅନୁପସ୍ଥିତି କିମ୍ବା ନିଯୁକ୍ତି ବନ୍ଦ ଯୋଗୁଁ ତାଙ୍କର ଦରମାରୁ କାଟି ନ ପାରନ୍ତି; ତେଣୁ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ଏହି ଅର୍ଥ ପୀଡ଼ିତାଙ୍କୁ ଦେବା ନିମନ୍ତେ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି।
- ଉତ୍ତରଦାତା ଏହି ଅର୍ଥ ଦେବାରେ ବିଫଳ ହୁଅନ୍ତି, ଆଭ୍ୟନ୍ତରୀଣ ଅଭିଯୋଗ କମିଟି କିମ୍ବା ସ୍ଥାନୀୟ ଅଭିଯୋଗ କମିଟି ଏହି ଅର୍ଥର ବାକିଆ ଜମି ଖଜଣା ଦେବା ନିମନ୍ତେ ସଂପୃକ୍ତ ଜିଲ୍ଲା ଅଧିକାରୀଙ୍କୁ ପ୍ରେରଣ କରି ପାରନ୍ତି।

ବିକଳ୍ପ ୩: ଯଦି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ସିଦ୍ଧାନ୍ତରେ ପହଂଚନ୍ତି ଯେ ଜବାବଦାତା ବିରୁଦ୍ଧରେ ପୀଡିତା କରିଥିବା ଅଭିଯୋଗ ଉଦ୍ଦେଶ୍ୟମୂଳକ କିମ୍ବା ପୀଡ଼ିତା ବା ଅନ୍ୟ କେହି ବ୍ୟକ୍ତି ଜ୍ଞାତସାରରେ ମିଥ୍ୟା ଅଭିଯୋଗ କରନ୍ତି ଅଥବା ପୀଡିତା ମହିଳା ବା ଅନ୍ୟ କେହି ନକଲ କିମ୍ବା ତଥ୍ୟହୀନ କାଗଜପତ୍ର ଯୋଗାଇ ଦିଅନ୍ତି ତେବେ ସଂପୃକ୍ତ ମହିଳା ବା ବ୍ୟକ୍ତି, ଯିଏକି ଅଭିଯୋଗ କରିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଯୁକ୍ତିଦାତା ବା ଜିଲ୍ଲା ଅଧିକାରୀଙ୍କୁ ସୁପାରିଶ କରିପାରନ୍ତି (ଏହି ଆଇନ ଧାରା ୧୪(୧))।

## ୪୬. ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟିଙ୍କ ସୁପାରିଶ ଉପରେ ନିଯୁକ୍ତିଦାତା ବା ଜିଲ୍ଲା ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମୟ ଅବଧି କଣ ?

ନିଯୁକ୍ତିଦାତା ବା ଜିଲ୍ଲା ଅଧିକାରୀ ୬୦ ଦିନ ମଧ୍ୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ (ଏହା ଆଇନ ଧାରା ୧୨(୪))।

### ୪୭. ଉତ୍ତରଦାତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ ହୋଇଥିବା ସିଦ୍ଧାନ୍ତରେ ପହଞ୍ଚିଲେ, ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି କଣ କରିବେ ?

ଯଦି ଆଭ୍ୟନ୍ତରୀଣ ଅଭିଯୋଗ କମିଟି କିମ୍ବା ସ୍ଥାନୀୟ ଅଭିଯୋଗ କମିଟି ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ ଜବାବଦାତାଙ୍କ ବିରୋଧରେ ପୀଡ଼ିତା କରିଥିବା ଅଭିଯୋଗ ଉଦ୍ଦେଶ୍ୟମୂଳକ କିମ୍ବା ପୀଡ଼ିତା ବା ଅନ୍ୟ କେହି ବ୍ୟକ୍ତି ଜ୍ଞାତସାରରେ ମିଥ୍ୟା ଅଭିଯୋଗ କରନ୍ତି ଅଥବା ପୀଡିତା ମହିଳା ବା ଅନ୍ୟ କେହି ନକଲ କିମ୍ବା ତଥ୍ୟହୀନ କାଗଜପତ୍ର ଯୋଗାଇ ଦିଅନ୍ତି ତେବେ ସଂପୃକ୍ତ ମହିଳା ବା ବ୍ୟକ୍ତି, ଯିଏକି ଅଭିଯୋଗ କରିଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଯୁକ୍ତିଦାତା ବା ଜିଲ୍ଲା ଅଧିକାରୀଙ୍କୁ ସୁପାରିଶ କରିପାରନ୍ତି (ଏହି ଆଇନ ଧାରା ୧୪(୧))।

### ୪୮. ସାକ୍ଷୀ ମିଥ୍ୟା ପ୍ରମାଣ ଦେଇଥିବାର ସିଦ୍ଧାନ୍ତରେ ପହଞ୍ଚିଲେ, ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି କଣ କରିବେ ?

ଯଦି ସାକ୍ଷୀ ମିଥ୍ୟା ପ୍ରମାଣ ଦେଇଥିବେ ବା ନକଲ ବା ଦିଶାହୀନ କାଗଜପତ୍ର ଯୋଗାଇ ଥିବାର ସିଦ୍ଧାନ୍ତରେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ପହଞ୍ଚନ୍ତି ତେବେ ଚାକିରୀ ସର୍ତ୍ତାବଳୀ ବା ଏପରି ବର୍ଣ୍ଣିତ ନିୟମ ଅନୁଯାୟୀ ସାକ୍ଷୀଙ୍କ ବିରୋଧରେ ତାଙ୍କର ନିଯୁକ୍ତିଦାତା ବା ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ନିମେନ୍ତ ସୁପାରିଶ କରିପାରନ୍ତି। (ନିୟମର ଧାରା ୧୪(୨))।

### ୪୯. ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ପୀଡିତାଙ୍କୁ କେତେ ପରିମାଣ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ସୁପାରିଶ କରିପାରିବେ କି? ଯଦି ହଁ ତେବେ କିଏ କେଉଁ ପ୍ରକାରେ ଓ କେତେ ପରିମାଣ ଦେଇପାରିବେ ?

ଯଦି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ ଉତ୍ତରଦାତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ, ତେବେ ନିଯୁକ୍ତିଦାତା ଏବଂ ଜିଲ୍ଲା ଅଧିକାରୀଙ୍କୁ ଉତ୍ତରଦାତାଙ୍କ ଦରମାରୁ ବା ମଜୁରୀରୁ ଅର୍ଥ କାଟି ପୀଡିତା ବା ତାଙ୍କର ଉତ୍ତରାଧିକାରୀଙ୍କୁ ଦିଆଯିବ। ଯଦି ନିଯୁକ୍ତିଦାତା ତାଙ୍କର ଅନୁପସ୍ଥିତି ବା ବଳ ଯୋଗୁଁ ଉତ୍ତରଦାତାଙ୍କ ଦରମାରୁ ଏହି ଅର୍ଥ କାଟିବାରେ ଅସମର୍ଥ ହୁଅନ୍ତି, ତେବେ ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ପୀଡିତାଙ୍କୁ ଏହି ଅର୍ଥ ପ୍ରଦାନ ନିମନ୍ତେ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇ ପାରିବେ। ଯଦି ଉତ୍ତରଦାତା ଏଇ ଅର୍ଥ ଦେବାରେ ବିଫଳ ହୁଅନ୍ତି ତେବେ ଏହି ଅର୍ଥ ବାକିଆ ଜମିକର ଆକାରରେ ଆଦାୟ ନିମନ୍ତେ ସଂପୃକ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ (ଏହି ନିୟମର ଧାରା ୧୩(୩)।

ଏହି ନିୟମର ୧୫ ଧାରା ଅନୁଯାୟୀ ପୀଡ଼ିତା ମହିଳାଙ୍କୁ ଅର୍ଥ ଦେବା ନିମନ୍ତେ ନିମ୍ନଲିଖିତ ଭିତ୍ତିରେ ହିସାବ କରାଯିବ-

- ମାନସିକ ଆଘାତ, କଷ୍ଟ, ଯନ୍ତ୍ରଣା ଏବଂ ଆବେଗିକ ବିପଦ ଯୋଗୁଁ ପୀଡ଼ିତା ମହିଳା।
- ପୀଡ଼ିତାଙ୍କର ଦୃତଗତି କ୍ଷତି ଯୋଗୁଁ ଶାରୀରିକ ଓ ମାନସିକ ଚିକିତ୍ସା।
- ଜମାଦାତାଙ୍କର ରୋଜଗାର ଓ ଆର୍ଥିକ ସ୍ଥିତି।
- ଏହିପରି ଏକକାଳୀନ ଓ କିସ୍ତିଓ୍ୱାରି ଦେୟର ସମ୍ଭାବନା।

### ୫୦. ଅଭିଯୋଗର ବିଷୟବସ୍ତୁ କିମ୍ବା ତଦନ୍ତର ଫଳାଫଳ ଜନସାଧାରଣଙ୍କୁ ଦିଆଯିବା ଉଚିତ୍ କି ?

ଅଭିଯୋଗର ବିଷୟବସ୍ତୁ, ଅଭିଯୋଗକାରିଣୀଙ୍କ ଠିକଣା, ପ୍ରତିପକ୍ଷ କିମ୍ବା ସାକ୍ଷୀମାନଙ୍କ ବୟାନ ଏବଂ ତତ୍‌ସହ ଜଡ଼ିତ ଥିବା କମିଟିର ତଦନ୍ତ ବିବରଣୀ, ଅନୁମୋଦନ ଏବଂ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଜନସାଧାରଣ, ଖବରକାଗଜ କିମ୍ବା ଟେଲିଭିଜନରେ ଅବଗତ ହେବା ଉଚିତ ନୁହେଁ। ମାତ୍ର ପୀଡ଼ିତାଙ୍କ ନାମ, ଠିକଣା ପରିଚୟ ଗୋପନ ରଖି ନ୍ୟାୟ ଦେବା ଉଦ୍ଦେଶ୍ୟରେ କିଛିଟା ବିବରଣୀ ପ୍ରକାଶ କରାଯାଇପାରେ।

## ୫୧. ଅଭିଯୋଗର ବିବରଣୀ କିମ୍ବା ତଦନ୍ତ ବିଷୟରେ ପ୍ରଚାର ନିମନ୍ତେ ଦଣ୍ଡ କଣ ?

ଯଦି କୌଣସି ବ୍ୟକ୍ତି ଅଧିନିୟମର ଧାରା ୧୬ ଅନୁଯାୟୀ ଉକ୍ତ ବ୍ୟବସ୍ଥାକୁ ଉଲଙ୍ଘନ କରେ, ସେବା ନିୟମର ବ୍ୟବସ୍ଥା ଅନୁଯାୟୀ ଉକ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ଦଣ୍ଡନୀୟ ହେବାକୁ ପଡ଼ିବ କିମ୍ବା ଯଦି ସେବା ନିୟମର ବ୍ୟବସ୍ଥା ନଥାଏ ତେବେ ଅଧିନିୟମର ଧାରା ୧୭ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୫୨. ଆପତ୍ତି କରିବାର ବ୍ୟବସ୍ଥାଗୁଡ଼ିକ କଣ ?

କୌଣସି ବ୍ୟକ୍ତି ବିଶେଷ ଯଦି ଉକ୍ତ ଲିଖିତ ସର୍ତ୍ତଦ୍ୱାରା କ୍ଷତିଗ୍ରସ୍ତ ହୁଅନ୍ତି ସେ ନ୍ୟାୟାଳୟ /ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇ ଆପତ୍ତି କରିପାରିବେ ଯାହାକି ଅଧିନିୟମର ଧାରା ୧୮(୧)ରେ ଥିବା ଆଇନଗତ ପଦ୍ଧତିରେ ଧାର୍ଯ୍ୟ ଅଟେ।

### ଅଧିନିୟମର ଧାରା ୧୩ (୨) ଅନୁଯାୟୀ ସୁପାରିଶ:-

ଯଦି ପରିଶେଷରେ ପ୍ରତିପକ୍ଷଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅଭିଯୋଗଟି ପ୍ରମାଣିତ ନହୁଏ ତେବେ ଆଇସି / ଏଲ୍‌ସି ଏହାକୁ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଅଧିକାରୀଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ସୁପାରିଶ କରିବେ।

### ଅଧିନିୟମର ଧାରା ୧୩(୩) (ସ)/ର ସୁପାରିଶ:-

- ଯଦି ଆଇସି/ଏଲ୍‌ସି ପରିଶେଷରେ ପ୍ରତିପକ୍ଷଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅଭିଯୋଗର ପ୍ରମାଣ ପାଆନ୍ତି ତେବେ ଏହା ନିମ୍ନମତେ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଅଧିକାରୀଙ୍କୁ ସୁପାରିଶ କରାଯିବ:
- ଯୌନ ଉତ୍ପୀଡନ ଏକ ଅସଦ୍ ଆଚରଣ ହୋଇଥିବାରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ସେବା ନିୟମ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କିମ୍ବା ଯଦି ଯେଉଁଠି ସେବା ନିୟମ ବ୍ୟବସ୍ଥା ନାହିଁ ଉକ୍ତ ସ୍ଥାନରେ ଅଭିଯୁକ୍ତଙ୍କ ଦରମା /ମଜୁରୀରୁ ଟଙ୍କା କାଟି ଅଭିଯୁକ୍ତା ମହିଳା କିମ୍ବା ତାଙ୍କର ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ।

### ଧାରା ୧୪(୧/୨) ମତେ ସୁପାରିଶ-

ଯଦି ଆଇସି /ଏଲ୍‌ସି ପରିଶେଷରେ ଜାଣିବାକୁ ପାଆନ୍ତି ଯେ ଅଭିଯୁକ୍ତ ବିରୁଦ୍ଧରେ ଆଗତ ହୋଇଥିବା ଅଭିଯୋଗଟି ଇର୍ଷା ପରାୟଣ କିମ୍ବା ଅଭିଯୁକ୍ତା ଜାଣିଶୁଣି ଏକ ମିଥ୍ୟା ଅଭିଯୋଗ କରିଛନ୍ତି କିମ୍ବା ଅଭିଯୋଗ ବିଷୟରେ ମିଥ୍ୟା ଦଲିଲ୍ ଦାଖଲ କରିଛନ୍ତି, ତେବେ ଏହା କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ଅଧିକାରୀଙ୍କୁ ଅଭିଯୁକ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ (ଧାରା ୧୪(୧)। ଯଦି ତଦନ୍ତବେଳେ ଜାଣିବାକୁ ପାଆନ୍ତି ଯେ କୌଣସି ସାକ୍ଷୀ ମିଥ୍ୟା ପ୍ରମାଣ ଦେଇଛନ୍ତି କିମ୍ବା ମିଥ୍ୟା ଦଲିଲ୍ ଦାଖଲ କରିଛନ୍ତି ତେବେ ସାକ୍ଷୀଙ୍କ କର୍ତ୍ତୃପକ୍ଷଙ୍କୁ କିମ୍ବା ଜିଲ୍ଲା ଅଧିକାରୀଙ୍କୁ ସେବା ଆଇନ୍‌ର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ କରାଯିବ କିମ୍ବା ଧାରା ୧୪ (୨୦ ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଧାରା ୧୭ ମତେ ସୁପାରିଶ-

ଯଦି କୌଣସି ବ୍ୟକ୍ତିବିଶେଷ ଅଧିନିୟମର ଧାରା ବ୍ୟବସ୍ଥା ୧୬ କୁ ଉଲଙ୍ଘନ କରେ ତେବେ ସେ ସେବା ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ

- ସୁପାରିଶ କାର୍ଯ୍ୟକାରୀ ନହେଲେ

## ୫୩. ଆପତ୍ତି କରିବାର ସମୟସୀମା ?

ଅଧିନିୟମର ଧାରା ୧୮(୨) ଅନୁଯାୟୀ ୯୦ ଦିନ ମଧ୍ୟରେ ଆପତ୍ତି କରାଯାଇପାରିବ।

## ୫୪. ବାର୍ଷିକ ବିବୃତ୍ତିର ଗଠନ ?

ଆଇସି/ଏଲ୍‌ସି ପ୍ରତିବର୍ଷ ଏକ ବାର୍ଷିକ ବିବୃତ୍ତି ତିଆରିକରି ତାହାକୁ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଅଧିକାରୀଙ୍କୁ ପ୍ରଦାନ କରିବେ

(ଧାରା ୨୧(୧)। ଫର୍ମ ଏବଂ ଦାଖଲର ସମୟ ବିଷୟରେ ସୂଚିତ କରାଯିବ। ଜିଲ୍ଲା ଅଧିକାରୀ ବାର୍ଷିକ ବିବୃତ୍ତି ଉପରେ ଏକ ସଂକ୍ଷିପ୍ତ ବିବୃତ୍ତି ତିଆରି କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ।

## ୫୫. ବାର୍ଷିକ ବିବୃତ୍ତିର ବିଷୟବସ୍ତୁ କଣ ହେବା ଦରକାର ?

ଧାରା ୨୨ ଅନୁଯାୟୀ କର୍ତ୍ତୃପକ୍ଷ ତାଙ୍କ ବିବୃତ୍ତିରେ କେତେ ଅଭିଯୋଗ ଆଗତ ହୋଇଛି ଏବଂ କେତେ ଫଇସଲା ହୋଇଛି ତାହା ଅନ୍ତର୍ଭୁକ୍ତ କରିବେ।

## ୫୬. ପର୍ଯ୍ୟାଲୋଚନା ଗଠନ କଣ ?

ଅଭିଯୋଗର ପଞ୍ଜିକରଣ ଏବଂ ଫଇସଲାର ତଥ୍ୟ ସରକାର ଯାଞ୍ଚ କରିବେ।

## ୫୭. ଏହି ଅଧିନିୟମକୁ ପ୍ରସାର କରିବା ନିମନ୍ତେ ସରକାରଙ୍କ ତରଫରୁ କେଉଁ ଉପାୟ ଅବଲମ୍ବନ କରିବା ଉଚିତ୍ ?

(କ) ସରକାର ଏ ଦିଗରେ ପ୍ରଯୁଜ୍ୟ ସୂଚନା, ଶିକ୍ଷା, ଯୋଗାଯୋଗ ଏବଂ ପ୍ରଶିକ୍ଷଣ ସାମଗ୍ରୀ ଯୋଗାଇ ଦେବା ସହ ସଚେତନତା ଶିବିର କରିବା ଉଚିତ୍।

(ଖ) ଏଲ୍‌ସି ର ସଦସ୍ୟମାନଙ୍କ ପାଇଁ ଏ କ୍ଷେତ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ (ଧାରା-୨୪)

## ୫୮. ଏହି ଅଧିନିୟମ ଅନୁଯାୟୀ ସରକାରଙ୍କ କ୍ଷମତା କଣ ?

ଜନସାଧାରଣଙ୍କ ସ୍ୱାର୍ଥ ତଥା ମହିଳା କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ସ୍ୱାର୍ଥ ପାଇଁ ସରକାର ଯେକୌଣସି ନିଯୋକ୍ତା କିମ୍ବା ଜିଲ୍ଲା ଅଧିକାରୀଙ୍କୁ ଡାକ ଏହି ସୂଚନା ବାବଦରେ ଲିଖିତ ଭାବେ ମାଗିପାରନ୍ତି। କୌଣସି ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଉକ୍ତ ଯୌନ ଉତ୍ପୀଡନ ନଥି ସଂପର୍କରେ ଗୁପ୍ତ ତଥ୍ୟ ଯୋଗାଡ଼ କରିବାକୁ ଦାୟିତ୍ୱପ୍ରଦାନ କରିପାରନ୍ତି।

## ୫୯. ଏହି ଅଧିନିୟମର ବ୍ୟବସ୍ଥାକୁ ପାଳନ ନକଲେ କି ପ୍ରକାର ଦଣ୍ଡ ମିଳିଥାଏ ?

ଧାରା ୪ ର ଉପଧାରା (୧) ଅନୁଯାୟୀ ଯଦି କାର୍ଯ୍ୟାଳୟରେ ଏଲସି ଗଠିତ ନହୋଇଥାଏ, ନିଯୁକ୍ତିଦାତା ଧାରା ୧୩, ୧୪, ୨୨ ଅନୁଯାୟୀ କାର୍ଯ୍ୟ ପ୍ରକ୍ରିୟା ଗ୍ରହଣ ନକରିଥାନ୍ତି, ଅନ୍ୟାନ୍ୟ ବ୍ୟବସ୍ଥାକୁ ଉଲଂଘନ କିମ୍ବା ଉଲଂଘନ କରିବାକୁ ଚେଷ୍ଟା କରନ୍ତି କିମ୍ବା ଏ ବାବଦରେ ଧାରା ୨୬(୧) କୁ ପାଳନ ନକରନ୍ତି ତେବେ ନିଯୁକ୍ତିଦାତାଙ୍କ ବିରୋଧରେ ଦଣ୍ଡ ସହ ଟ.୫୦,୦୦୦ଙ୍କା ର ଜୋରିମାନା ହୋଇପାରେ

ଯଦି କୌଣସି ନିଯୁକ୍ତିଦାତା ପୂର୍ବରୁ ଏକାଦୋଷରେ ବନ୍ଦୀ ହୋଇଥାନ୍ତି ଏବଂ ପୁନର୍ବାର ଉକ୍ତ ଦୋଷରେ ବନ୍ଦୀ ହୁଅନ୍ତି ତେବେ ଆଇନ୍ ଅନୁଯାୟୀ (ପ୍ରଥମଥର ବନ୍ଦୀ ବେଳର) ଦଣ୍ଡକୁ ଦୁଇଗୁଣ କରାଯିବ ମାତ୍ର ଯଦି ଦଣ୍ଡ ଅନ୍ୟ କୌଣସି ଆଇନ୍ ଦ୍ୱାରା ଅଧିକ କଠିନ ହୋଇଥାଏ ଯେଉଁଥିରେ ଅପରାଧି ଦୋଷୀ ସାବ୍ୟସ୍ତ ହୋଇ ବନ୍ଦୀ ହୋଇଛନ୍ତି ସେ କ୍ଷେତ୍ରରେ ମାନ୍ୟବର ଅଦାଲତ ଉକ୍ତ ଦୋଷର ଆଇନ୍ ଅନୁଯାୟୀ ଅନୁସନ୍ଧାନ କରି ଦଣ୍ଡ ବିଧାନ କରିବେ (ଧାରା ୨୬(୨) (୧))।

ଉକ୍ତ ଧାରା ଅନୁଯାୟୀ ଯଦି କୌଣସି ନିଯୁକ୍ତିଦାତା ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇ ବନ୍ଦୀ ହୋଇଥାନ୍ତି ଏବଂ ପୁନର୍ବାର ଏକା ପ୍ରକାର ଦୋଷରେ ଦୋଷୀ ସାବ୍ୟସ୍ତ ହୋଇ ବନ୍ଦୀ ହୁଅନ୍ତି ତେବେ ଧାରା ୨୬ (୨) (୨) ଅନୁଯାୟୀ ତାଙ୍କର ସରକାର କିମ୍ବା ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ଠାରୁ ପ୍ରାପ୍ତ ପଞ୍ଜିକରଣ, ଲାଇସେନ୍‌ସକୁ ବରଖାସ୍ତ କରି ଦିଆଯାଏ କିମ୍ବା ଫେରାଇ ନିଆଯାଇ ପାରେ କିମ୍ବା ନବୀକରଣ କରାଯାଇ ନପାରେ।

## ୬୦. ମାନ୍ୟବର ଅଦାଲତ କେତେବେଳେ ଦୋଷର ଅନୁସନ୍ଧାନ କରନ୍ତି ?

କୌଣସି ପୀଡ଼ିତା ମହିଳାଙ୍କ ଅଭିଯୋଗ ଉପରେ କିମ୍ବା ଆଇସି /ଏଲ୍‌ସି ଙ୍କ ଦ୍ୱାରା ପ୍ରାଧିକାର ଅର୍ପଣ ବ୍ୟକ୍ତିଙ୍କ ଅଭିଯୋଗ ଉପରେ ମାନ୍ୟବର ଅଦାଲତ ଆଇନ ଅନୁଯାୟୀ ଅନୁସନ୍ଧାନ କରନ୍ତି (ଧାରା ୨୭ (୧)) ଅତିକମ୍‌ରେ ଜଣେ ମହାନଗର ମାଜିଷ୍ଟ୍ରେଟ କିମ୍ବା ପ୍ରଥମ ଶ୍ରେଣୀ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏହି ଧାରା ଅନୁଯାୟୀ ଦଣ୍ଡ ପାଇଁ ବିଚାର କରନ୍ତି ।

ଏହି ଧାରାର ସମସ୍ତ ଅପରାଧ ଆଇନ୍ ଅନୁଯାୟୀ ଅନୁସନ୍ଧାନ ଯୋଗ୍ୟ ନୁହେଁ ।